# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 1 February - 2026

********************************

## ମୁଖ୍ୟ ସମ୍ବାଦ

- ଅଭିବୃଦ୍ଧି ଓ ଦକ୍ଷତା ବିକାଶ ସହିତ ସବ୍ କା ସାଥ୍ ସବ୍ କା ବିକାଶକୁ ଦୃଷ୍ଟିରେ ରଖି ଆଗାମୀ ଆର୍ଥିକବର୍ଷ ପାଇଁ ଲୋକସଭାରେ ବଜେଟ୍ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ
- ବଜେଟ୍‌ରେ ଆସନ୍ତା ଏପ୍ରିଲ ପହିଲାରୁ ଆୟକର ଆଇନ୍ ୨୦୨୫ କାର୍ଯ୍ୟକାରୀ ହେବା ନେଇ ଘୋଷଣା
- ବିକଶିତ ଭାରତ ଗଠନ ଦିଗରେ ଅର୍ଥମନ୍ତ୍ରୀଙ୍କ ବଜେଟ୍ ଦୂରଦର୍ଶୀ ସାବ୍ୟସ୍ତ ହେବ; କହିଲେ ମୁଖ୍ୟମନ୍ତ୍ରୀ

ଏବଂ

- ସୁବର୍ଣ୍ଣପୁରଠାରେ ୧ ହଜାର ୮୪୮ ସ୍ୱୟଂସହାୟକ ଗୋଷ୍ଠିକୁ ୧୨୬ କୋଟି ଟଙ୍କାର ସୁଧମୁକ୍ତ ଋଣ ପ୍ରଦାନ କଲେ ସରକାର

# ବଜେଟ୍-୨୦୨୬/୨୭

ଆର୍ଥିକ ଅଭିବୃଦ୍ଧି, ଦକ୍ଷତା ବିକାଶ ପ୍ରତ୍ୟେକ ପରିବାର, ସମ୍ପ୍ରଦାୟ, ଅଂଚଳର ଭାଗିଦାରୀ ପାଇଁ ସମ୍ବଳ, ସୁବିଧା-ସୁଯୋଗ ଉପଲବ୍ଧତା ସୁନିଶ୍ଚିତ କରିବା ତଥା ସବ୍‌କା ସାଥ୍-ସବ୍‌କା ବିକାଶକୁ ବଜେଟ୍‌ରେ ଗୁରୁତ୍ୱ ଦେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ନବମ ଥର ପାଇଁ ୨୦୨୬-୨୭ ଆର୍ଥିକବର୍ଷ ଲାଗି ବଜେଟ୍ ଉପସ୍ଥାପନ କରିଛନ୍ତି। ଶ୍ରୀମତୀ ସୀତାରମଣ କହିଛନ୍ତି, ଗରିବ, ଅବହେଳିତ ଓ ବଂଚିତବର୍ଗଙ୍କୁ କେନ୍ଦ୍ର କରି ଯୁବଶକ୍ତିଚାଳିତ ବଜେଟ୍ ଉପସ୍ଥାପନ କରାଯାଇଛି। ଅର୍ଥମନ୍ତ୍ରୀ ୬ଟି କ୍ଷେତ୍ରରେ ବିକାଶ ପାଇଁ ବଜେଟ୍‌ରେ ପ୍ରସ୍ତାବ ରଖିଛନ୍ତି। ସେଗୁଡ଼ିକ ମଧ୍ୟରେ ୭ଟି ରଣନୈତିକ ଏବଂ ସୀମାନ୍ତ କ୍ଷେତ୍ରଗୁଡ଼ିକରେ ଉତ୍ପାଦନ ବୃଦ୍ଧି କରିବା, ପୁରୁଣା ଶିଳ୍ପ କ୍ଷେତ୍ରକୁ ପୁନରୁଦ୍ଧାର କରିବା ପ୍ରସ୍ତାବ ରହିଛି। ଏମ୍.ଏସ୍.ଏମ୍.ଇ. କ୍ଷେତ୍ରକୁ ସଶକ୍ତ କରିବା, ଭିତ୍ତିଭୂମି ବିକାଶ ପାଇଁ ପ୍ରୋତ୍ସାହନ ପ୍ରଦାନ କରିବା, ଦୀର୍ଘକାଳୀନ ସୁରକ୍ଷା ଏବଂ ସ୍ଥିରତା ସୁନିଶ୍ଚିତ କରିବା ଓ ସହରାଞ୍ଚଳ ଅର୍ଥନୈତିକ କ୍ଷେତ୍ରର ବିକାଶ ଅନ୍ତର୍ଭୁକ୍ତ ଅଛି। ଖଦୀ, ହସ୍ତତନ୍ତ, ହସ୍ତଶିଳ୍ପ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ପଦକ୍ଷେପ ଆରମ୍ଭ କରାଯିବ।

ବଜେଟ୍‌ରେ କୃଷି ଉନ୍ନତି ଯୋଜନା, ଜୀବଜୀବନ ମିଶନ, ଭିବି-ଜି.ରାମ.ଜି., ସମଗ୍ର ଶିକ୍ଷା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ଗ୍ରାମୀଣି

ଜୀବିକା ମିଶନ, ପ୍ରଧାନମନ୍ତ୍ରୀ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଆବାସ ଯୋଜନାରେ ପୂର୍ବବର୍ଷ ତୁଳନାରେ ଅଧିକ ଅର୍ଥ ଆବଣ୍ଟନ କରାଯାଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୨ ଲକ୍ଷ ୨୭ ହଜାର ୪୨୯ କୋଟି ଟଙ୍କା ବ୍ୟୟ ବରାଦ ପାଇଁ ବଜେଟ୍‌ରେ ପ୍ରସ୍ତାବ ରହିଛି। ଭିବି.ଜି.ରାମ.ଜି ଯୋଜନାରେ ୯୫ ହଜାର ୬୯୨ କୋଟି, ପିଏମ୍ କିଷାନ୍ ଯୋଜନାରେ ୬୩ ହଜାର ୫୦୦ କୋଟି ଏବଂ ଜଳଜୀବନ ମିଶନ ଯୋଜନାରେ ୬୭ ହଜାର ୬୭୦ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ଲୋକସଭାରେ ଅର୍ଥମନ୍ତ୍ରୀ ଉପସ୍ଥାପନ କରିଛନ୍ତି।

ପ୍ରତିରକ୍ଷା ଏବଂ ଭିତ୍ତିଭୂମିକୁ ବଜେଟ୍‌ରେ ପ୍ରାଥମିକତା ଦିଆଯାଇଛି। ବଜେଟ୍‌ରେ ପ୍ରତିରକ୍ଷା ଆବଣ୍ଟନ ବାବଦରେ ୭ ଲକ୍ଷ ୮୫ ହଜାର କୋଟି ଟଙ୍କାର ପ୍ରସ୍ତାବ ଅର୍ଥମନ୍ତ୍ରୀ ଗୃହରେ ଉପସ୍ଥାପନ କରିଛନ୍ତି। ଆଧୁନିକୀକରଣ ଏବଂ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମଗୁଡ଼ିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ଭିତ୍ତିଭୂମି ଅଭିବୃଦ୍ଧିର ସବୁଠାରୁ ବଡ ଇଞ୍ଜିନ୍ ବୋଲି ଅର୍ଥମନ୍ତ୍ରୀ ତାଙ୍କର ଅଭିଭାଷଣରେ କହିଛନ୍ତି।

ମହିଳାଙ୍କୁ ବଜେଟ୍‌ରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ଦେଶର ପ୍ରତ୍ୟେକ ଜିଲ୍ଲାରେ ଛାତ୍ରୀନିବାସ ଖୋଲାଯିବ। ଉଚ୍ଚଶିକ୍ଷା ପଢୁଥିବା ମହିଳାମାନଙ୍କ ପାଇଁ ଛାତ୍ରୀନିବାସ ସହ ସି-ମାର୍ଟସ୍ ନାମକ ଗୋଷ୍ଠିଗତ ଖୁଚୁରା ଦୋକାନ

ଖୋଲାଯିବ। ଯାହା ମହିଳାଙ୍କୁ ବଜାର ପ୍ରବେଶ, ବ୍ରାଣ୍ଡିଂ ଏବଂ ସ୍ଥାୟୀ ଆୟ ପ୍ରଦାନ କରିବାରେ ସାହାଯ୍ୟ କରିବ।

ଭୌଗୋଳିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ପୂର୍ବୋଦୟ ରାଜ୍ୟ ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ୫ଟି ପର୍ଯ୍ୟଟନସ୍ଥଳି ସୃଷ୍ଟି କରାଯିବ ଏବଂ ସର୍ବସାଧାରଣ ପରିବହନ ପାଇଁ ୪ ହଜାର ଇ-ବସ୍ ଯୋଗାଇ ଦିଆଯିବ।

ଖଣି ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ୩ଟି ସମର୍ପିତ ରାସାୟନିକ ପାର୍କ ପ୍ରତିଷ୍ଠା ହେବ।

କେନ୍ଦ୍ରମନ୍ତ୍ରୀ ଆସନ୍ତା ଏପ୍ରିଲ୍ ମାସ ପହିଲାରୁ ନୂତନ ଆୟକର ଆଇନ୍ ୨୦୨୫ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି, ସରଳୀକୃତ ଆୟକର ନିୟମକୁ ନେଇ ଖୁବ୍‌ଶୀଘ୍ର ଅଧିସୂଚନା ଜାରି କରାଯିବ।

ଦେଶରେ ଶିଳ୍ପଭିତ୍ତିକ ଗବେଷଣା ଏବଂ ତାଲିମକୁ ଗୁରୁତ୍ୱ ଦିଆଯିବ। ୫ ଲକ୍ଷରୁ ଅଧିକ ଜନସଂଖ୍ୟାବିଶିଷ୍ଟ ସହରଗୁଡ଼ିକରେ  ଭିତ୍ତିଭୂମି ବିକାଶ ପାଇଁ ପୁଞ୍ଜିବ୍ୟୟ ୧୨ ଲକ୍ଷ ୨୦ ହଜାର କୋଟି ଟଙ୍କା ବୃଦ୍ଧି କରିବାର ପ୍ରସ୍ତାବ ରହିଛି।

କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ-ଏସ୍‌ଏମ୍‌ଇ କ୍ଷେତ୍ରର ଅଭିବୃଦ୍ଧି ପାଇଁ  ଅର୍ଥମନ୍ତ୍ରୀ ୧୦ ହଜାର କୋଟି ଟଙ୍କାର ପାଣ୍ଠି ପ୍ରଚଳନ ପାଇଁ ପ୍ରସ୍ତାବ ଦେଇଛନ୍ତି।

ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତ କରିବା ଲକ୍ଷ୍ୟ ନେଇ ଆଗାମୀ ବର୍ଷରେ ଦେଢ ଲକ୍ଷ ସ୍ୱାସ୍ଥ୍ୟସେବୀଙ୍କୁ ତାଲିମ୍ ଦିଆଯିବ। ଭାରତକୁ ଏକ ଚିକିତ୍ସା ପର୍ଯ୍ୟଟନ ପାଇଁ ହବ୍ ଭାବେ ସୃଷ୍ଟି କରାଯିବ।

୩ଟି ନୂତନ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ସ୍ଥାପନ ଏବଂ ଆୟୁଷ ଫାର୍ମାସୀକୁ ଉନ୍ନତ କରିବାକୁ ସରକାର ଯୋଜନା କରୁଛନ୍ତି ବୋଲି ଶ୍ରୀମତୀ ସୀତାରମଣ ବଜେଟ୍ ଅଭିଭାଷଣରେ  କହିଛନ୍ତି।

କୃଷକଙ୍କ ଆୟ ବୃଦ୍ଧି ପାଇଁ ବିଶେଷ ଧ୍ୟାନ ଦିଆଯିବ। ୫୦୦ଟି ଜଳଭଣ୍ଡାରର ବିକାଶ ପାଇଁ ପଦକ୍ଷେପ ନିଆଯିବ।

## ବୈଷ୍ଣବ ରିଆକ୍ସନ

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ' ବଜେଟ୍‌କୁ ଦେଶର ସର୍ବାଙ୍ଗୀନ ବିକାଶ ଏବଂ ଏକ ବିକଶିତ ଭାରତ ଗଠନପାଇଁ 'ଭିତ୍ତିଭୂମି' ଭାବେ ବର୍ଣ୍ଣନା କରିଛନ୍ତି । ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀକୁକ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଚଳିତ ବର୍ଷ ରେଳବାଇପାଇଁ ବଜେଟ୍‌ରେ ୨ ଲକ୍ଷ ୭୮ ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଛି ।

**- V/O -**

ମୋଟ୍ ପୁଞ୍ଜିବ୍ୟୟ ବାବଦରେ ୨ ଲକ୍ଷ ୯୩ ହଜାର କୋଟି ଟଙ୍କାର ପ୍ରସ୍ତାବ ରହିଛି । ମୋଟ୍ ବଜେଟ୍ ମଧ୍ୟରୁ ଯାତ୍ରୀ ଏବଂ ରେଳ ସୁରକ୍ଷାପାଇଁ ୧ ଲକ୍ଷ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

## ବଜେଟ୍-ପ୍ରତିକ୍ରିୟା

ବଜେଟ୍ ୨୦୨୬-୨୭ ଓଡ଼ିଶାକୁ ପୂର୍ବ ଭାରତର ଆର୍ଥିକ ପ୍ରଗତିର ପେଣ୍ଠସ୍ଥଳି ଭାବେ ଗଢ଼ି ତୋଳିବା ପାଇଁ ଏକ ଶକ୍ତିଶାଳୀ ବ୍ଲୁପ୍ରିଣ୍ଟ ପ୍ରଦାନ କରିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** କହିଛନ୍ତି।

ଚଳିତ ବଜେଟ୍‌ରେ ଶିକ୍ଷା କ୍ଷେତ୍ରରେ ୮ ପ୍ରତିଶତ ବୃଦ୍ଧି ହୋଇଛି। ଏହି କ୍ଷେତ୍ରରେ ୧ ଲକ୍ଷ ୩୯ ହଜାର ୨୮୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

**- V/O - (ଧର୍ମେନ୍ଦ୍ର ପ୍ରଧାନ)**

## ମୁଖ୍ୟମନ୍ତ୍ରୀ-ବଜେଟ

କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିବା ସହ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଏହି ବଜେଟ୍ କେବଳ ଏକ ଆର୍ଥିକ ଦସ୍ତାବିଜ୍ ନୁହେଁ, ବରଂ ବିକଶିତ ଭାରତ ଗଠନ ଦିଗରେ ଏକ ଦୂରଦର୍ଶୀ ରୋଡ୍‌ମ୍ୟାପ୍। ସର୍ବ ସମାବେଶୀ, ଅର୍ଥନୀତିର ପରିକଳ୍ପନା ସହ ଏହା ଯୁବପିଢ଼ିଙ୍କ ପାଇଁ ଅସରନ୍ତି ସୁଯୋଗ, କୃଷକଙ୍କ ସୁରକ୍ଷା କବଚ, ମଧ୍ୟବିତ୍ତଙ୍କ ପାଇଁ ଆଶ୍ୱସ୍ତି ଏବଂ ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନର ଏକ ନୂତନ ବାତାବରଣ ସୃଷ୍ଟି କରିଛି। ବିକାଶ ଓ ଐତିହ୍ୟର ମନ୍ତ୍ରକୁ ଆଧାର କରି ଏହି ବଜେଟ୍ ନବସୃଜନ, ଉତ୍ପାଦନ ଏବଂ ଜ୍ଞାନ ପରମ୍ପରା ମଧ୍ୟରେ ଏକ

ଅପୂର୍ବ ସମନ୍ୱୟ ରକ୍ଷା କରିବାରେ ସମର୍ଥ ହୋଇଛି। ଓଡ଼ିଶାର ପ୍ରଗତି ପାଇଁ ବଜେଟ୍‌ରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଯାହା ରାଜ୍ୟର ଅର୍ଥନୈତିକ କାୟାକଳ୍ପରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ବିରଳ ଖଣିଜ କରିଡରର ପ୍ରତିଷ୍ଠା ରାଜ୍ୟରେ ଖଣିଜ ପ୍ରକ୍ରିୟାକରଣ ଏଂ ଉଚ୍ଚ ବୈଷୟିକ ଶିଳ୍ପାୟନକୁ ନୂତନ ଗତି ପ୍ରଦାନ କରିବ। ଜାତୀୟ ଜଳପଥ-୫ର କାର୍ଯ୍ୟକାରିତା, ଶିଳ୍ପାଞ୍ଚଳ ଓ ବନ୍ଦର ମଧ୍ୟରେ ସଂଯୋଗୀକରଣକୁ ସହଜ କରି ଏକ ସୁଲଭ ଓ ପରିବେଶ ଅନୁକୂଳ ବ୍ୟବସ୍ଥା ଗଠନ କରିବ।

ଏଥିରେ ସ୍ଥାନୀୟ ଯୁବକମାନେ ବ୍ୟାପକ ନିଯୁକ୍ତି ଓ ତାଲିମ୍ ସୁଯୋଗ ପାଇପାରିବେ। ଏଥିସହ ପୂର୍ବଘାଟର ଜୈବ ବିବିଧତାକୁ ପାଥେୟ କରି କଇଁଛ ପଥ ଏବଂ ପର୍ବତାରୋହଣ ଭିତ୍ତିକ ପର୍ଯ୍ୟଟନ ପଦକ୍ଷେପ ଓଡ଼ିଶାକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ଆକର୍ଷଣ ଭାବେ ଉଭା କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## - V/O -(CM)

ସାମାଜିକ ନ୍ୟାୟ ଏବଂ ସମନ୍ୱିତ ବିକାଶର ଏ ଧାରାରେ ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକୁ ଦିଆଯାଇଥିବା ଗୁରୁତ୍ୱ ଆତ୍ମନିର୍ଭର ଭାରତର ସଂକଳ୍ପକୁ ଆହୁରି ସୁଦୃଢ଼ କରିବ। ସୁଶାସନ ଓ ସ୍ଥାୟୀ ପ୍ରଗତିର ଏହି ସମନ୍ୱିତ ପ୍ରୟାସ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପ୍ରତିକ୍ରିୟା

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କର ବଜେଟ୍ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପୁରୀର ଛାତ୍ରୀ ବୈଶାଳୀ ମିଶ୍ର ଆକାଶବାଣୀକୁ କହିଛନ୍ତି....

**- V/O –**

## ମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାର ସବ୍ କା ସାଥ୍-ସବ୍ କା ବିକାଶ ମନ୍ତ୍ରରେ ପରିଚାଳିତ ହୋଇ ଏକ ସମୃଦ୍ଧ ବିକଶିତ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳା ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଜନସାଧାରଣଙ୍କ ଉନ୍ନତି ଓ କାର୍ଯ୍ୟାନ୍ୱୟନ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଜିଲ୍ଲାର ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ଆଜି ୧ ହଜାର ୮୪୮ଟି ସ୍ୱୟଂ ସହାୟକ ଗୋଷ୍ଠିକୁ ୧୨୬ କୋଟି ଟଙ୍କାର ସୁଧମୁକ୍ତ ଋଣ ପ୍ରଦାନ କରାଯାଇଛି। ସୁଭଦ୍ରା ଯୋଜନା, ମାଧୋ ସିଂ ହାତଖର୍ଚ୍ଚ, ଆୟୁଷ୍ମାନ ଭାରତ, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଲୋକଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ସନ୍ଥ କବୀ ଭୀମ ଭୋଇଙ୍କ ପବିତ୍ର ସମାଧି ପୀଠ ଖଲିଆପାଲ୍ଲୀର ସାମଗ୍ରୀକ ବିକାଶ ସହ ନଦୀଗର୍ଭ ଜଳାଶୟ, ଗାନ୍ଧୀ ଷ୍ଟାଡିୟମ୍‌ର ନବୀକରଣ ଓ ଓପନ୍ ଥିଏଟର ଭଳି ପ୍ରମୁଖ ଉନ୍ନୟନମୂଳକ

ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖଲିଆପାଲ୍ଲୀସ୍ଥିତ ସନ୍ଥ କବୀ ଭୀମ ଭୋଇଙ୍କ ସମାଧିପୀଠ ପରିସରରେ ଚାଲିଥିବା ମାଘ ମେଳାରେ ଯୋଗ ଦେଇଛନ୍ତି।

## ମାଲ୍ୟବନ୍ତ ମହୋତ୍ସବ

**ମାଲକାନଗିରି** ଜିଲ୍ଲାରେ ଆଜିଠାରୁ ଆରମ୍ଭ ହେଉଥିବା ମାଲ୍ୟବନ୍ତ ମହୋତ୍ସବ ପାଇଁ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ବାଦ୍ୟନୃତ୍ୟ ପରିବେଷଣ କରାଯାଇଥିଲା।

## ବନ୍ଦେ ମାତରମ୍

ବନ୍ଦେ ମାତରମ୍ ଗୀତର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ସିଆଇଏସ୍ଏଫ୍ ପକ୍ଷରୁ ଜାତୀୟତାବାଦ, ଏକତା ସୃଷ୍ଟି ଏବଂ ସୁରକ୍ଷିତ ତଟ ସମୃଦ୍ଧ ଭାରତ ଲାଗି କୋଷ୍ଟାଲ ସାଇକ୍ଲୋଥୋନ ରାଲି **ଭଦ୍ରକ** ଜିଲ୍ଲା ଧାମରାରେ ପହଞ୍ଚିଛି। ରାଲିରେ ୧୩୦ ଜଣ କମାଣ୍ଡାଣ୍ଟ ଏବଂ କର୍ମଚାରୀ ସାମିଲ ଅଛନ୍ତି।

# ମାଘ ପୂର୍ଣ୍ଣିମା

ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ । ମଧ୍ୟାହ୍ନ ଧୂପନୀତି ଶେଷ ହେବା ପରେ ମଇଲମ ଓ ସର୍ବାଙ୍ଗ ନୀତି ପରେ ତିନିବାଡରେ ମହାପ୍ରଭୁଙ୍କ ଗଜଉଦ୍ଧାରଣ ବେଶ କରାଯିବ ।

## ଖେଳ ଖବର

**ପୁରୀ** ଜିଲ୍ଲା ତାଳବଣିଆ ସ୍ପୋର୍ଟସ୍ କମ୍ପ୍ଲେକ୍ସ୍‌ଠାରେ ପ୍ରଥମ ପାରା ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍ ଉଦଘାଟିତ ହୋଇଛି। ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ କାର୍ଯ୍ୟକ୍ରମରେ ଯୋଗଦେଇ ଭିନ୍ନକ୍ଷମମାନେ ଆମ ସମାଜର ଏକ ଅଙ୍ଗ ଓ ସେମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଭରି ରହିଛି ବୋଲି ସେ କହିଥିଲେ।